## ସଂକ୍ଷେପରେ

### ଟିକିଟି ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ



ଟିକିଟି,୭।୨(ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟି ବ୍ଲକ ବିଡିଓ ଭାବେ ଲକ୍ଷ୍ମଣ ସୋରେନ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ଚାରି ମାସ ତଳେ ଟିକିଟି ବିଡିଓ ଭାବେ ଅବସ୍ଥାପିତ ହୋଇଥିବା ପ୍ରମୋଦ କୁମାର ନାୟକଙ୍କୁ ଡୁମୁଡିବନ୍ଧ ବଦଳି ହୋଇଛି। ସେହିପରି ଡୁମୁଡିବନ୍ଧ ବ୍ଲକରୁ ଆସିଥିବା ଲକ୍ଷ୍ମଣ ସୋରେନ ଟିକିଟି ବିଡ଼ିଓ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡିଛି।

### ଖବରଦାତାଙ୍କୁ ସୁରକ୍ଷା ଓ ପେନସନ ପ୍ରଦାନ ଦାବି

ଛତ୍ରପୁର,୭।୨(ସନ୍ତୋଷ ପାଢ଼ୀ):

ଖବରଦାତାମାନଙ୍କ ସୁରକ୍ଷା ଓ ସେମାନଙ୍କୁ ପେନସନ ପ୍ରଦାନ ଦାବିରେ ଓଡିଶା ସାମ୍ବାଦିକ ୟୁନିୟନ ଗଞ୍ଜାମ ଜିଲା ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲା ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସଙ୍କୁ ଛତ୍ରପୁରସ୍ଥିତ ତାଙ୍କ କାର୍ଯ୍ୟାଳୟ ପରିସରରେ ଦାବିପତ୍ର ପ୍ରଦାନ କରାଯାଇଛି। ମହାରାଷ୍ଟ୍ର ସରକାର ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ଆଇନ ଆଣିଥିବା ବେଳେ ଓଡ଼ିଶାରେ ମଧ ଏଭଳି ଆଇନ ଲାଗୁ କରିବାକୁ ଦାବି ହୋଇଛି। ହରିୟାଣା, ଆସାମ, ମଧ୍ୟପ୍ରଦେଶ, ତାମିଲନାଡୁ ଏବଂ ଉତ୍ତରାଖଣ୍ଡ ସରକାର ଖବରଦାତାଙ୍କ ପାଇଁ ପେନସନ ବ୍ୟବସ୍ଥା ଲାଗୁ କରିଛନ୍ତି । ଓଡ଼ିଶାରେ ମଧ ଖବରଦାତାଙ୍କୁ ପେନସନ ଲାଗୁ କରିବା ପାଇଁ ସଂଘ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ଓଡିଶା ସାମ୍ବାଦିକ ୟୁନିୟନ ଗଞ୍ଜାମ ଜିଲ୍ଲା ସଭାପତି ପ୍ରକାଶ ପାଣିଗ୍ରାହୀ, ସମ୍ପାଦକ ସଦାଶିବ ପଣ୍ଡା, ରବୀନ୍ଦ୍ର ପଣ୍ଡା, ଏ.ରାଜାରାଓ, ରାଜଗୋପାଳ ପାଢ଼ୀ, ସନ୍ତୋଷ କୁମାର ପଣ୍ଡା, ରବୀନ୍ଦ୍ର ନାଥ ପଣ୍ଡା, ସନ୍ତୋଷ କୁମାର ମିଶ୍ର, ଟି. ଶରତ କୁମାର ସୁବୁଦ୍ଧି, କେ. ସତ୍ୟନାରାୟଣ ରେଡ୍ଡୀ, କ୍ରିଷ୍ଣାଚନ୍ଦ୍ର ପ୍ରଧାନ,ଅଜିତ ସ୍ୱାଇଁ, ଦେବବ୍ରତ ପଣ୍ଡା, ରାମ ଚନ୍ଦ୍ର ବେହେରାଙ୍କ ସମେତ ବହୁ ଖବରଦାତା ଉପସ୍ଥିତ ଥିଲେ ।

### ତୁଳସୀପୁରରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା

ଖଲ୍ଲିକୋଟ,୭।୨(ପ୍ରଶାନ୍ତ କୁମାର ମିଶ୍ର):

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ତୁଳସୀପୁର ଗ୍ରାମରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧିନସ୍ଥ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଖଲ୍ଲିକୋଟ ବିଡ଼ିଓ ଦେବାଶିଷ ସାମଲ ରାଜ୍ୟ ସରକାରଙ୍କ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କରିଥିବା ବିଭିନ୍ନ ଯୋଜନାର ସଦୁପଯୋଗ କରି କିପରି ଲୋକମାନେ ଲାଭ ଉଠାଇପାରିବେ ସେ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ତହସିଲଦାର ଶ୍ରୀକୁମାର ରଥ, ଜିଲା ପରିଷଦ ସଭ୍ୟ ସୋନମ ପଲେଇ, ବ୍ଲକ ଉପାଧ୍ୟକ୍ଷା ଭାରତୀ ମହାରଣା, ଖଲ୍ଲିକୋଟ ବ୍ଲକ ଯୁବ ବିଜେଡ଼ି ସଭାପତି ଦୟାନିଧି ସାହୁ, ବ୍ଲକ ମହିଳା ବିଜେଡ଼ି ସଭାନେତ୍ରୀ ମିତାଞ୍ଜଳି ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ବନ୍ଦ ହୋଇପଡ଼ିଛି ଏଣ୍ଡୋସ୍କୋପି ମେଶିନ

## ମିଳୁନି ସେବା, ଘରୋଇ ହସ୍ପିଟାଲମୁହାଁ ରୋଗୀ

ବ୍ରହ୍ମପୁର,୭।୨(ସୁବାସ ଚନ୍ଦ୍ର ପାଢ଼ୀ)

ରୋଗୀଙ୍କ ଚିକିତ୍ସା ସେବା ନିମନ୍ତେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହାସତ୍ତ୍ୱେ ବି ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଅବହେଳା ପରିଲକ୍ଷିତ ହୋଇଛି। ଏହି ହସ୍ପିଟାଲରେ ଏଣ୍ଡୋସ୍କୋପି ପରୀକ୍ଷା ବିଭିନ୍ନ କାରଣରୁ ବନ୍ଦ ରହିଛି। ଉକ୍ତ ପରୀକ୍ଷାରେ ବ୍ୟବହାର ହେଉଥିବା ମେଶିନରେ ବାରମ୍ବାର ଯାନ୍ତ୍ରିକ ତ୍ରୁଟି ଦେଖାଦେଉଥିବାରୁ ପରୀକ୍ଷା ବନ୍ଦ ରହିଥିବା ସୂଚନା ମିଳିଛି। ଯାହାଫଳରେ ଦୂର ଦୁରାନ୍ତରରୁ ମେଡିକାଲ ଆସୁଥିବା ରୋଗୀମାନେ ଘରୋଇ ହସପିଟାଲମୁହାଁ ହେଉଥିବା ଦେଖାଯାଉଛି। ଗରିବ ରୋଗୀମାନଙ୍କୁ ଡାଇଗ୍ନୋଷ୍ଟିକ ସେଣ୍ଟର୍ ଗୁଡ଼ିକ ଆର୍ଥିକ ଶୋଷଣ କରୁଥିବା ଅଭିଯୋଗ ହେଉଛି।

ଏମ୍‌କେସିଜି ମେଡିକାଲ ଉପରେ ୧୦ରୁ ଊର୍ଦ୍ଧ୍ୱ ଜିଲା ସମେତ ପଡୋଶୀ ଆନ୍ଧ୍ରପ୍ରଦେଶର ଅନେକ ରୋଗୀ ନିର୍ଭର କରନ୍ତି। ପ୍ରତ୍ୟେକ ଦିନ ମେଡ଼ିକାଲର ବିଭିନ୍ନ ବିଭାଗକୁ ଚିକିତ୍ସା ନିମନ୍ତେ ହଜାର ହଜାର ରୋଗୀ ଆସିଥାନ୍ତି। ସେହିପରି କର୍କଟ ଚିହ୍ନଟ, ଖାଦ୍ୟ ନାଳି ସମ୍ବନ୍ଧୀୟ ରୋଗର ପରୀକ୍ଷା, ପାକସ୍ଥଳୀରେ ରହିଥିବା ଘା' ସମ୍ବନ୍ଧିତ ପରୀକ୍ଷା ନିମନ୍ତେ ଡାକ୍ତର ସର୍ଜରୀ ବିଭାଗର ଅଧୀନରେ ଥିବା ଏଣ୍ଡୋସ୍କୋପି କରାଇବାକୁ ପରାମର୍ଶ ଦେଇଥାନ୍ତି। ରୋଗୀଙ୍କ ଏହି ପରୀକ୍ଷା ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏଣ୍ଡୋସ୍କୋପି ମେସିନ ଅଚଳ ହୋଇ ରହିଛି। ୨୦୦୬ରେ ଉକ୍ତ ମେଶିନ ସ୍ଥାପନ ହୋଇଥିଲା। ଏହା ଅତି ପୁରୁଣା ହୋଇଥିବାରୁ ବାରମ୍ବାର ଯାନ୍ତ୍ରିକ ତ୍ରୁଟି ରହୁଥିବା ବେଳେ ରୋଗୀଙ୍କ ପରୀକ୍ଷା ବନ୍ଦ ରହିଛି। ଏମକେଜିରେ ପୂର୍ବରୁ ପ୍ରତ୍ୟେକ ଦିନ ୨୦ରୁ ୨୫ ଏଭଳି ପରୀକ୍ଷା ହୋଇଥିବା ବେଳେ ଗତ ନଭେମ୍ବରରୁ ଏହା ବନ୍ଦ ରହିଥିଲା। ପରେ ଏକ ନୂଆ ମେସିନ ଆସିଛି। ବିଭିନ୍ନ କାରଣରୁ ତାହା ଏବେ ଏକ ମାସ ହେଲା ଖରାପ ହୋଇ ପଡିଛି। ଯାହାଫଳରେ ଏଣ୍ଡୋସ୍କୋପି ନିମନ୍ତେ ରୋଗୀମାନେ ସହରରେ ଥିବା ଘରୋଇ ଡାଇଗ୍ନୋଷ୍ଟିକ ସେଣ୍ଟର୍ ଉପରେ ନିର୍ଭର କରିଥାନ୍ତି। ଏହାର ସୁଯୋଗ ନେଇ ଡାଇଗ୍ନୋଷ୍ଟିକ ସେଣ୍ଟର୍‌ଗୁଡ଼ିକ ରୋଗୀଙ୍କ ଠାରୁ ପରୀକ୍ଷା ବାବଦରେ ୨୦୦୦ରୁ ୨୫୦୦ ଟଙ୍କା ନେଇଥାନ୍ତି। ଏନେଇ ଏମକେସିଜି ଅଧୀକ୍ଷକ ଡା. ସୁଚିତ୍ରା ଦାଶ କହିଛନ୍ତି, ଏଣ୍ଡୋସ୍କୋପି ମେଶିନ ବର୍ତ୍ତମାନ ଖରାପ ରହିଛି। ଏହାର ମରାମତି ପାଇଁ ଭୁବନେଶ୍ୱରରୁ ଇଞ୍ଜିନିୟରଙ୍କୁ ଡକାଯାଇଛି। ମରାମତି ପରେ ମେଶିନଟି କାର୍ଯ୍ୟକ୍ଷମ ହେବ। ରୋଗୀମାନେ ଖୁବଶୀଘ୍ର ମେଡିକାଲରେ ଉତ୍ତମ ସେବା ପାଇ ପାରିବେ।

## ଝିଞ୍ଜିରିଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବ୍ରାହ୍ମଣୀଗାଁ, ୭।୨(ମନୋରଞ୍ଜନ ରଣା)

ଦାରିଙ୍ଗବାଡି ବ୍ଲକ ଝିଞ୍ଜିରିଗୁଡ଼ା ପଞ୍ଚାୟତର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ବିଶୋଇଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଛି । ମୁଖ୍ୟବକ୍ତା ଭାବେ ବାମୁଣୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃପାସିନ୍ଧୁ ସିଂହ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ବିଆରସିସି ଗୋକୁଳ ଚନ୍ଦ୍ର ନାୟକ, ଉଳିପଦର୍ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋଦନ ମୋହନ ବେହେରା ସମ୍ମାନିତ ଅତିଥି ଭାବେ ଝିଞ୍ଜିରିଗୁଡ଼ା ସିଆର୍‌ସିସି ପ୍ରସନ୍ନ କୁମାର ବେହେରା, ବାମୁଣିଗାଁ ସିଆର୍‌ସିସି ସନ୍ତୋଷ ମଲ୍ଲିକ ଯୋଗଦେଇଥିଲେ। ବାର୍ଷିକ ଉତ୍ସବରେ ବିଭିନ୍ନ ଶ୍ରେଣୀର କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାର୍ଷିକ ଉତ୍ସବକୁ ଉଦଯାପିତ କରିଥିଲେ ମଞ୍ଚପରିଚାଳିକା ଶିକ୍ଷୟିତ୍ରୀ ସସ୍ମିତା ଦିଗାଲ। ଉକ୍ତ କାର୍ଯ୍ୟକ୍ରମଟିକୁ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥଲେ।

## ଶ୍ରୀରାମଚନ୍ଦ୍ରପୁରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଛତ୍ରପୁର,୭।୨(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ):



ଛତ୍ରପୁର ବ୍ଲକ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା-ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ଏସ. ସଞ୍ଜୀବ ରେଡ୍ଡୀଙ୍କ ସଭାପତିତ୍ୱ ଓ ସମିତି ସଭ୍ୟ ଏସ. ଚକ୍ରପାଣି ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ବିଧାୟକ ସୁବାଷ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ କୃଷି ବିପଣନ ନିଗମ ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା, ବିଡ଼ିଓ ସୁଶାନ୍ତ କୁମାର ବରାଳ, ବ୍ଲକ ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡୀ, ପୂର୍ବତନ ଜିଲାପରିଷଦ ସଭ୍ୟ ମୁନା ଦାସ ଓ ଏସ. କିଶୋର ରେଡ୍ଡୀ, ଜିଲାପରିଷଦ ସଭ୍ୟା ଛବିତା ବେହେରା ଓ ରଶ୍ମିତା ନାହାକ, ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ଜ୍ୟୋତି ରଞ୍ଜନ ସାହୁ, ଅଶୋକ କୁମାର ପାଣିଗ୍ରାହୀ ଓ ମଥୁରା ଚରଣ ସୁବୁଦ୍ଧି, ଯୁବନେତା ବାପି ଦାସ, ଜି. ଡିଲେଶ୍ୱର ରେଡ୍ଡୀ, ପ୍ରମୁଖ ଯୋଗଦେଇଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ବିଜେଡିର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ କାର୍ଯ୍ୟକ୍ରମ ଚାଲୁ ରହିଥିଲା।

## ଆମ୍ବେଡ଼କର ଦୁର୍ବଳଶ୍ରେଣୀ ମଙ୍ଗଳ ସଂଘର ବୈଠକ

ପାରଳାଖେମୁଣ୍ଡି, ୭।୨ (ଗିରିଧାରୀ ପରିଛା):

ଗଜପତି ଜିଲା ଗୋଷାଣି ବ୍ଲକ ବିଆର୍ ଆମ୍ବେଦକର ଦୁର୍ବଳଶ୍ରେଣୀ ମଙ୍ଗଳ ସଂଘର ବୈଠକ ଗୋଷାଣି ଗ୍ରାମ ମିଶନ ଶକ୍ତି କାଫେ ସମ୍ମୁଖ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ସମସ୍ତ ଅନୁସୂଚିତ ଜାତି ଓ ଜନଜାତି ଦଳିତ ଜନସାଧାରଣ ତଥା ଅନ୍ୟାନ୍ୟ ନିମ୍ନବର୍ଗର ଲୋକମାନଙ୍କର ସମସ୍ୟା ତଥା ଅଧିକାର ସୁରକ୍ଷା ପାଇଁ ଆଲୋଚନା ହୋଇଥିଲା। ଏଥିରେ ବି.ଆର୍ ଆମ୍ବେଦକର ଦୁର୍ବଳଶ୍ରେଣୀ ମଙ୍ଗଳ ସଂଘର ସଭାପତି କେ. ତ୍ରିପତି ରାଓ, ସମ୍ପାଦକ କେ. ବାଲାକ୍ରିଷ୍ଣା, ଏ.ମହାଲକ୍ଷ୍ମୀ, ଯୁଗ୍ମ ସମ୍ପାଦକ ଜେ.କାରେୟା, ଉପସଭାପତି ଇସ୍ମାଇଏଲ ଶବର, ପି.ତ୍ରିନାଥ ପ୍ରମୁଖ ମଞ୍ଚାସିନ ଥିବାବେଳେ ଗୋଷାଣି ବ୍ଲକର ସମସ୍ତ ୨୧ଟି ପଞ୍ଚାୟତର ସଦସ୍ୟ ଉପସ୍ଥିତ ଥିଲେ।

## ନରେନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ଛତ୍ରପୁର,୭।୨(ଦିଲୀପ ସାମଲ):

ଏହି ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଉଚ୍ଚବିଦ୍ୟାଳୟର ୫୯ତମ ବାର୍ଷିକୋତ୍ସ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦେରାଜ ମହାନ୍ତି ସଭାପତିତ୍ୱତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରତିନିଧି ଜ୍ୟୋତିରଞ୍ଜନ ସାହୁ, ସମ୍ମାନିତ ଅତିଥି ସମିତି ସଭ୍ୟା ବି. ସୋନାଲି ସେନାପତି, ସୁବାଷ ଚନ୍ଦ୍ର ଜେନା, ଅବସରପ୍ରାପ୍ତ ସାମରିକ କର୍ମଚାରୀ କର୍ଣ୍ଣେଲ ରାମଚନ୍ଦ୍ର ଗୌଡ଼, ସମିତି ସଭ୍ୟା ପ୍ରତିନିଧି ଅଲିଅଳ ସେନାପତି, ପରିଚାଳନା କମିଟି ସଭାନେତ୍ରୀ ଲକ୍ଷ୍ମୀ ବେହେରା, ମୁଖ୍ୟବକ୍ତା ହୃଷିକେଶ ପାଣିଗ୍ରାହୀ, ମନୋଜ କୁମାର ମହାଲ୍କୁଡ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ଦିଗପହଣ୍ଡି,୭।୨(ଅଶେଷ ନାଥ ମିଶ୍ର)



ପଞ୍ଚାୟତର ବିକାଶମୂଳକ କାର୍ଯ୍ୟର ପୁସ୍ତିକା ଅତିଥିମାନେ ଉନ୍ମୋଚନ କରିଛନ୍ତି।

ଦିଗପହଣ୍ଡି ବ୍ଲକ ଅଧିନ କରପଡା ଗ୍ରାମରେ ବୁଧବାର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀଙ୍କ ସଂଯୋଜନା ଏବଂ ବିଜେଡି ଜିଲା କମିଟି ଉପସଭାପତି ବି .କ୍ରିଷ୍ଣାରାଓ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ତହସିଲଦାର ଅଶୋକ କୁମାର ତ୍ରିପାଠୀ, ବିଡିଓ ଡ. ଚିତ୍ତରଞ୍ଜନ ଦାସ, ସିଡିପିଓ ପୁଷ୍ପାଞ୍ଜଳୀ ଶତପଥୀ, ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ, ବ୍ଲକ ସହକାରୀ ଯନ୍ତ୍ରୀ ଇଂ. ରାଜୀବ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ, ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଏମ୍. ନିରଞ୍ଜନ ରେଡ୍ଡୀ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ପ୍ରଧାନ, ଜିଲା ପରିଷଦ ସଦସ୍ୟା ସଂଯୁକ୍ତା କବି, ସଦସ୍ୟ ରାଧାକାନ୍ତ ମହାଲ୍କୁଡ, ସରପଞ୍ଚ ମନୋରଞ୍ଜନ ଗୌଡ, ଗୀତାଞ୍ଜଳି ଜାନୀ, ବିଜୟ ପ୍ରଧାନ, ଦୀନବନ୍ଧୁ ସେଠୀ, ସନ୍ତୋଷ ଦୋରା, ଶିଶିର ପ୍ରଧାନ, ଆଦିତ୍ୟ ସାହୁ, ସ୍ଥାନୀୟ ସମିତି ସଭ୍ୟ ପ୍ରତିନିଧି ବିଶ୍ୱନାଥ ପ୍ରଧାନ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ସେଠୀଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା।

## ନୂଆ-ଓ ନବୀନ ଓଡିଶା କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟା ସଭ୍ୟ ଅନୁପସ୍ଥିତ

ରମ୍ଭା,୭।୨(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ ସାନରାମଚନ୍ଦ୍ରପୁର ପଞ୍ଚାୟତରେ ଗତ ୩୧ ତାରିଖରେ ମାସିକ ପଞ୍ଚାୟତ ବୈଠକ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ସହିତ ସମସ୍ତ ୧୬ ଜଣ ୱାର୍ଡସଭ୍ୟା ସଭ୍ୟ ଏଥିରେ ଯୋଗ ଦେଇଥିଲେ। ହେଲେ ୨୦୨୨ରେ ଆସିଥିବା ଗ୍ରାମର ଉନ୍ନତି କାର୍ଯ୍ୟ ନନ୍ଦବନ୍ଧ ଡ଼ିଆଁଡେଇଁ, ଆରଡ଼ି ରୋଡ଼ ଠାରୁ କାଠଛାଲିଆ ରୋଡ଼ ଏବଂ ଆରଡ଼ିରୋଡ଼ ଠାରୁ ନନ୍ଦିଘର ହୋଇଥିବା ଏମ୍‌ଜିଏନଆରଇଜିଏସ କାମରେ ସରପଞ୍ଚ ତାଙ୍କ ବାପା, ମା' ଆଉ ଭାଇ ନାମରେ ହାଜିରା ପକାଇ ଟଙ୍କା ହଡପ କରିଥିଲେ। ଉକ୍ତ ଗ୍ରାମର ୱାର୍ଡ ସଭ୍ୟ ବିଳାସ କୁମାର ନାହାକ ଏହି ବିଷୟକୁ ପଞ୍ଚାୟତର ମାସିକ ବୈଠକରେ ପ୍ରମାଣ ସହ କହିଥିଲେ। ଏଥିରେ ସରପଞ୍ଚଙ୍କ ସ୍ୱୀକାରରୋକ୍ତି କ୍ରମେ ସମସ୍ତ ୱାର୍ଡ ସଭ୍ୟା ସଭ୍ୟମାନେ ତାଙ୍କୁ ସମର୍ଥନ କରି ରେଜୁଲେସନ କରିଥିଲେ। ଉକ୍ତ ରେଜୁଲେସନକୁ କେନ୍ଦ୍ରକରି ସରପଞ୍ଚ ସମସ୍ତ ୱାର୍ଡ଼ ସଭ୍ୟା ସଭ୍ୟଙ୍କୁ ବେଖାତିର କରି ଏକଚ୍ଛତ୍ରବାଦ ଶାସନ କରିଥିବା ଯୋଗୁ ସମସ୍ତ ସଭ୍ୟା ସଭ୍ୟ ଏବଂ ନାଏବ ସରପଞ୍ଚ ବିଷ୍ଣୁପ୍ରିୟା ନାହାକ ପଞ୍ଚାୟତରେ ହେଉଥିବା କୌଣସି କାର୍ଯ୍ୟକ୍ରମ ବିଷୟରେ ଜଣାଉନଥିଲେ ବୋଲି ନାଏବ ସରପଞ୍ଚ ବିଷ୍ଣୁ ପ୍ରିୟା ନାହାକ ମତ ପ୍ରକାଶ କରିଛନ୍ତି। ଏଥି ପୂର୍ବରୁ ସରପଞ୍ଚ ପଞ୍ଚାୟତର କୌଣସି ବିଷୟରେ ଅବଗତ କରୁନଥିଲେ। ତେଣୁ ସମସ୍ତ ୱାର୍ଡ ସଭ୍ୟା ସଭ୍ୟ ପଞ୍ଚାୟତରେ ହୋଇଥିବା ସରକାରଙ୍କ ନୂଆ-ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିବା ଯୋଗୁ ଏହାକୁ କିଛି ସ୍ଥାନୀୟ ପଞ୍ଚାୟତ ବାସିନ୍ଦା ଆଲୋଚନା କରିଥିଲେ।

## ଶିକ୍ଷା ସହ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ମାର୍ଗଦର୍ଶନ



ସନଶାଇନ ଇଣ୍ଟର ନ୍ୟାଶନାଲ ସ୍କୁଲ ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

ପୁରୁଷୋତ୍ତମପୁର,୭।୨(ସୀମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁରସ୍ଥିତ ସନସାଇନ ଇଣ୍ଟର ନ୍ୟାଶନାଲ ସ୍କୁଲର ବାର୍ଷିକୋତ୍ସବ ବୁଧବାର ଅଧ୍ୟକ୍ଷ ସୁନିଲ କୁମାର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା ପରିଷଦର ସଭାପତି ପ୍ରଫୁଲ କୁମାର ରଥ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜର ଆସୋସିଏଟ ପ୍ରଫେସର ଡା.ମାନସ ରଞ୍ଜନ ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ତାରାତାରିଣୀ କଲେଜ ଅଧ୍ୟାପକ ଡ. ରମେଶ ଚନ୍ଦ୍ର ସେନାପତି ଓ ସମ୍ମାନିତ ଅତିଥି ଭାବେ ଏନଏସି ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଏ. ରାଜୁଗୋପାଳ ରାଓ ଯୋଗଦେଇ ଶିକ୍ଷା ସହ ସ୍ୱାସ୍ଥ୍ୟର ଯତ୍ନ ଉପରେ ଗୁରୁତ୍ୱାରୋପ କରିବା ସହ ଶିଶୁଙ୍କ ଶିକ୍ଷାର ବିକାଶ ଲାଗି ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଆସିକା,୭।୨ (ସୁରେନ୍ଦ୍ର ନାଥ ସାହୁ)

ଆସିକା ମେକମାଇକେଲ ସଂସ୍କୃତ ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ ଉପଶାସ୍ତ୍ରୀ ଓ ଶେଷ ବର୍ଷ ଶାସ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ବୁଧବାର ମହାବିଦ୍ୟାଳୟ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ସ୍ଥାନୀୟ କାଳିମୁଖୀ ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେନ୍ଦ୍ରନାଥ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାଶ କାଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର ସେମାନଙ୍କ ଅଧ୍ୟୟନ ସମୟର ସ୍ମୃତି ଓ ଅନୁଭୂତିକୁ ସାଉଁଟୁଥିଲା ବେଳେ ଭାବାବେଗ ପରିବେଶ ସୃଷ୍ଟି ହୋଇଥିଲା । ଅଧ୍ୟାପକ ସନାତନ ପଣ୍ଡା, ବାବାନାଥ ମିଶ୍ର, ଶିଶିର କୁମାର ମିଶ୍ର, ଅଧ୍ୟାପିକା କମଳ କୁମାରୀ ଦାସଙ୍କ ସମେତ ସଭାପତି ପଣ୍ଡା ଓ ଅଧ୍ୟକ୍ଷା ଦାଶ ଛାତ୍ରୀଛାତ୍ରଙ୍କ ଉଚ୍ଚତର ଶିକ୍ଷାରେ ଉଲ୍ଲେଖନୀୟ ସଫଳତା କାମନା କରିଥିଲେ।

## ଜଗମୋହନ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଧରାକୋଟ, ୭।୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)



ଧରାକୋଟ ବ୍ଲକର ଜଗମୋହନ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ତରଫରୁ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଲିନା କୁମାରୀ ମହାରଣା ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ଭାବରେ ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ,ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ବିଡ଼ିଓ ଡେନିସ ବେହେରା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଏବିଡିଓ ସୁଶିଲ ପଟନାୟକ, ମହନ୍ତ କୃପାସିନ୍ଧୁ ଦାସ ମହାରାଜ, ଜିଲା ପରିଷଦ ସଦସ୍ୟ ପ୍ରତାପ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ଡି. କନ୍ୟା କୁମାରୀ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କିଶୋରଚନ୍ଦ୍ର ସାହୁ, ନାଏବ ସରପଞ୍ଚ ସନ୍ତୋଷ ବରାଡ ପ୍ରମୁଖ ମଞ୍ଚାସୀନ ରହିଥିବା ବେଳେ ବିଜେଡି ବ୍ଲକ ସଭାପତି ସଞ୍ଜୟ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନିର୍ବାହୀ ଅଧିକାରୀ ଅଶୋକ କୁମାର ସେଠୀ ପରିଚାଳନା କରିଥିଲେ। ଯୁବ ନେତା ପ୍ରମୋଦ ମହାରଣା, ଜିଆରଏସ ସେବିତା ରଇତ ଓ ଚିତ୍ରସେନ ଗୌଡ଼ ସହଯୋଗ ପ୍ରଦାନ କରିଥିଲେ।

## ମୁକ୍ତା ଯୋଜନା ସମ୍ପର୍କିତ ଦକ୍ଷତା ବିକାଶ ତାଲିମ ଶିବିର

ବୁଗୁଡ଼ା,୭।୨(କାଳିଚରଣ ଦାଶ):



ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ସ୍ଥାନୀୟ ଏନ୍ଏସି କଲ୍ୟାଣ ମଣ୍ଡପ ପରିସରରେ ମିଶନ ଶକ୍ତି ଗୋଷ୍ଠୀଗୁଡ଼ିକୁ ନେଇ ମୁକ୍ତା ଯୋଜନା ସମ୍ପର୍କିତ ଦକ୍ଷତା ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୬ଟି ସ୍ୱୟଂ ସହାୟିକା ଗୋଷ୍ଠୀର ୩୦ ଜଣ ସଦସ୍ୟାଙ୍କ ସମେତ ମାଷ୍ଟର ଟ୍ରେନର ଉଷାରାଣୀ ମହାପାତ୍ର ଓ ସସ୍ମିତା ମିଶ୍ର ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗୀୟ ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦାନ କରି ମାଷ୍ଟର ଟ୍ରେନରମାନଙ୍କୁ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢୀ, କାଉନସିଲର ସ୍ୱପ୍ନା କୁମାରୀ ଦାଶ, ପ୍ରୋଜେକ୍ଟ କୋର୍ଡିନେଟର ସର୍ବେଶ୍ୱର ବାରିକ, ଇମ୍ପ୍ଲିମେଣ୍ଟ ଏକ୍ସପର୍ଟ ଦ୍ୱିତୀକୃଷ୍ଣ ସାହୁ, ଆକାଉଣ୍ଟ ଏକ୍ସପର୍ଟ ସଙ୍କେତ ପାଣିଗ୍ରାହୀ, କାଉନସିଲର ସସ୍ମିତା ଜେନା ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନା ସମ୍ପର୍କରେ ଅଭିଭାଷଣ ରଖିଥିଲେ।

## ଜନଜାତି ସଂସ୍କୃତି, ପ୍ରଗତି କାର୍ଯ୍ୟକ୍ରମ

ଫିରିଙ୍ଗିଆ,୭।୨(ବିକ୍ରମ ଦିଗାଲ):

ଫିରିଙ୍ଗିଆ ମିନି ଷ୍ଟାଡିୟମଠାରେ ଜନଜାତି ସସ୍କୃତି ଓ ପ୍ରଗତି କାର୍ଯ୍ୟକ୍ରମ କରାଯାଇଥିଲା। ଫିରିଙ୍ଗିଆ ବିଡିଓ ଅନୁପ ଅଭିଷେକ ବେହେରାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ରୋଦନ ମଲ୍ଲିକ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବରେ ନଳିନୀ ମଲ୍ଲିକ ଯୋଗ ଦେଇଥିଲେ ଏବଂ ଫୁଲବାଣୀ ଆଦିବାସୀ ଉନ୍ନୟନ ବିଭାଗ ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣୁଆ, ଫିରିଙ୍ଗିଆ ସମିତି ଅଧ୍ୟକ୍ଷା ନମିତା କହଁର, ଫିରିଙ୍ଗିଆ ୧୨/୧୩ ଜୁନର ଜିଲା ପରିଷଦ ଜୟଶ୍ରୀ କହଁର, ନୀଳ ଗିରି ଦିଗାଲ, ଖଜୁରିପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ବୀରେନ୍ଦ୍ର କହଁର, ଜିଲା କୁଇ ସମାଜ ସମ୍ପାଦକ ନିରଦ ଚନ୍ଦ୍ର କହଁର,କୁଇ ସମାଜ ସଭାପତି ମୁକୁନ୍ଦ କହଁର ଓ ଲୁଇସିଂ ସରପଞ୍ଚ ସୁଦର୍ଶନ କହଁର ଉପସ୍ଥିତ ଥିଲେ।

## ଭାରତ ସ୍କାଉଟ୍ସ ଏଣ୍ଡ ଗାଇଡ୍ସର କ୍ୟାମ୍ପୋରୀ ଉଦ୍‌ଘାଟିତ

ଭଞ୍ଜନଗର,୭।୨(ବାବୁଲା ପ୍ରଧାନ):




ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ବୁଧବାର ଗଞ୍ଜାମ ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ୨୯ ତମ କ୍ୟାମ୍ପୋରୀ ଉଦଘାଟିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଭାପତି ଅଞ୍ଜଳି ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର କୃତିବାସ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ସହ ଉପଜିଲ୍ଲାପାଳ ଦିପ୍ତିମଣୀ ପ୍ରଧାନ, ରାମଚନ୍ଦ୍ର ମହାପାତ୍ର, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ ନରିସଭା ନାୟକ, ସହ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ଭଞ୍ଜନଗର ଗୋଷ୍ଠୀ ଶିକ୍ଷାଧିକାରୀ ଏସ. ଧନଞ୍ଜୟ, ପ୍ରଧାନଶିକ୍ଷକ ଉମାକାନ୍ତ ନାହାକ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥି ସ୍ୱାଇଁ, ଜିଲା ଉପସଭାପତି ଡ଼. ପ୍ରଭାତୀ ମହାପାତ୍ର ମଞ୍ଚାସୀନ ହୋଇ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ନୀତି, ନିୟମ, ସେବା, ଶୃଙ୍ଖଳା ଉପରେ ବିଭିନ୍ନ ପ୍ରକାର ଉଦାହରଣ ଦେଇ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ଏସ. ଧନଞ୍ଜୟ, ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶ୍ୟାମାପ୍ରସାଦ ମିଶ୍ର, ବାହାଡାପଦର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ହୃଷିକେଶ ନାୟକ, ଗିରିଜା ଶଙ୍କର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଗୋଷ୍ଠୀ ଶିକ୍ଷାଧିକାରୀ ଏସ. ଧନଞ୍ଜୟ ଧନ୍ୟବାଦ ପ୍ରଦାନ କରିଥିଲେ।

# ଏମ୍‌କେସିଜିରେ ଥାଇରଏଡ୍ ପରୀକ୍ଷା ମେଶିନ ଅଚଳ

ବ୍ରହ୍ମପୁର,୭।୨(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ମାଗଣା ଚିକିତ୍ସା ଠାରୁ ଆରମ୍ଭ କରି ନିରାମୟ ଯୋଜନାରେ ଔଷଧ ମଧ୍ୟ ପ୍ରଦାନ କରାଯାଉଛି। ୨୦୧୮ଜାନୁଆରୀ ୧ ତାରିଖରୁ ନିଦାନ ଯୋଜନାରେ ରୋଗୀଙ୍କ ସମସ୍ତ ପରୀକ୍ଷା ମାଗଣାରେ କରାଯାଉଛି। ଏହାଦ୍ୱାରା ରୋଗୀ ଉପକୃତ ହେଉଛନ୍ତି ସତ, କିନ୍ତୁ ବିଭିନ୍ନ ସମୟରେ କେତେକ ପରୀକ୍ଷା ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି) ମେଡିକାଲ କଲେଜ ଓ ହସ୍ପିଟାଲରେ ଏଭଳି ଏକ ସମସ୍ୟା ମୁଣ୍ଡ ଟେକିଛି। ଆଜକୁ ୨ ସପ୍ତାହ ହେବ ଥାଇରଏଡ ପରୀକ୍ଷା ମେଶିନ ଅଚଳ ହୋଇଯାଇଛି । ଏହାର ମରାମତି କରାଯାଇପାରୁନାହିଁ। ଫଳରେ ପ୍ରତ୍ୟହ ୩୦ରୁ ଅଧିକ ରୋଗୀଙ୍କୁ ନିରାଶ ହେବାକୁ ପଡୁଥିବା ବେଳେ ଘରୋଇ ଡାଏଗ୍ନୋଷ୍ଟିକ କେନ୍ଦ୍ରକୁ ପରୀକ୍ଷା ପାଇଁ ଯାଇ ୮୦୦ରୁ ୧୦୦୦ ଟଙ୍କା ଦେଉଛନ୍ତି। ଏଠାକୁ ଆସୁଥିବା ଅଧିକାଂଶ ରୋଗୀଙ୍କୁ ଥାଇରଏଡ ପରୀକ୍ଷା ପାଇଁ ଡାକ୍ତର ପରାମର୍ଶ ଦେଉଛନ୍ତି। ତେଣୁ ଏମକେସିଜିର ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ର ପରିସରରେ ଥାଇରଏଡ ପରୀକ୍ଷା କରିବାକୁ ରୋଗୀଙ୍କ ଲମ୍ବା ଲାଇନ ଲାଗିଥାଏ। ପ୍ରତ୍ୟେକ ଦିନ ପ୍ରାୟ ୩୦ରୁ ଅଧିକ ରୋଗୀଙ୍କ ଥାଇରଏଡ ପରୀକ୍ଷା ହୁଏ। ହେଲେ କୌଣସି କାରଣରୁ ଗତ ୨୬ ତାରିଖ ଠାରୁ ଥାଇରଏଡ ମେଶିନଟି ଅଚଳ ହୋଇ ପଡିଛି । ଏଫଳରେ ରୋଗୀ ହନ୍ତସନ୍ତ ହେଉଛନ୍ତି। ଏହା ମେଡିକାଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦର୍ଶାଉଛି । ଏନେଇ ଥାଇରଏଡ ନିଦାନ ବିଭାଗର ମୁଖ୍ୟ ଖାରବେଳ ମାଝୀଙ୍କୁ ପଚାରିବାରୁ ସେ କହିଛନ୍ତି , ଦୀର୍ଘଦିନ ଧରି ଉକ୍ତ ମେଶିନ ଖରାପ ଥିବା ନେଇ ଏମକେସିଜି ଅଧିକ୍ଷକ ଡା. ସୁଚିତ୍ରା ଦାଶଙ୍କୁ ଲିଖିତ ଭାବେ ଜଣାଇଛି। ଇଞ୍ଜିନୟର ଆସିବା ପରେ ମେଶିନ ମରାମତି ହେବ ବୋଲି ଅଧିକ୍ଷକ ଜଣାଇଥିବା ସେ କହିଛନ୍ତି।


ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ର ସମ୍ମୁଖରେ ରୋଗୀଙ୍କ ଧାଡି।

- ୨ ସପ୍ତାହ ହେଲା ରୋଗୀ ହନ୍ତସନ୍ତ
- ବାହାରେ ପରୀକ୍ଷା କଲେ ୮ଶହରୁ ୧ ହଜାର

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା, ସ୍ୱାମୀ ଗିରଫ

ବ୍ରହ୍ମପୁର,୭।୨(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଶକ୍ତିନଗର ତୃତୀୟ ଲାଇନରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସେ ହେଲେ ଶିବାନୀ ଆଚାର୍ଯ୍ୟ(୨୫)। ଶିବାନୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ମଙ୍ଗଳବାର ଜବତ କରିଛି। ଝିଅକୁ ମାରି ଝୁଲାଇ ଦିଆଯାଇଛି ବୋଲି ଶିବାନୀଙ୍କ ମା' ଗେଟବଜାର ରମ୍ଭା ସାହିର ସବିତା ମିଶ୍ର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ସ୍ୱାମୀ କେ.ଚକାଡୋଲା ଆଚାରୀଙ୍କୁ ବାନ୍ଧିଛି।

ପୋଲିସ ସୂଚନା ଅନୁଯାୟୀ, ୨୦୧୭ ଅକ୍ଟୋବରରେ ଶିବାନୀଙ୍କୁ ଚକାଡୋଲା ପ୍ରେମ ବିବାହ କରିଥିଲେ। ଚକାଡୋଲା ଏକ ଫାଇନାନ୍ସ ସଂସ୍ଥାରେ କାମ କରୁଛନ୍ତି। ବିବାହ ପରେ ଶକ୍ତିନଗରଠାରେ ଉଭୟେ ଭଡାଘରେ ରହୁଥିଲେ। ସେମାନଙ୍କର ୨ଟି ସନ୍ତାନ। ବିବାହର କିଛି ଦିନ ପରେ ବାପଘରୁ ଯୌତୁକ ଆଣିବାକୁ ଚକାଡୋଲା ଶିବାନୀଙ୍କ ଉପରେ ବାରମ୍ବାର ଚାପ ପକାଉଥିଲେ।୧୦ ଲକ୍ଷ ଟଙ୍କା ଆଣିବାକୁ ବାଧ କରୁଥିବାରୁ ଅଧିକାଂଶ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହେଉଥିଲା। ମଙ୍ଗଳବାର ଝିଅ ମୃତ୍ୟୁ ଖବର ଶୁଣି ମା' ସବିତା ମିଶ୍ର ଶକ୍ତିନଗରଠାରେ ପହଞ୍ଚିଥିଲେ। ତେବେ ରାତି ହୋଇଯାଇଥିବାରୁ ବୁଧବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ. ୩୭/୨୪ରେ ଏକ ଯୌତୁକଜନିତ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

## ସଂକ୍ଷେପରେ

### ସାମୁଦ୍ରିକ ମସ୍ୟଜୀବୀଙ୍କ ପାଇ ସଚେତନତା ଶିବିର

ଗଞ୍ଜାମ,୭।୨(ବିଦ୍ୟାଧର ସାହୁ)-ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ପୋଡ଼ମପେଟା କମ୍ୟୁନିଟି ହଲରେ ସାମୁଦ୍ରିକ ମସ୍ୟଜୀବୀଙ୍କୁ ନେଇ ଏକ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ମସ୍ୟ ଅଧିକାରୀ ସୁବ୍ରତ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମସ୍ୟ ଅଧିକାରୀ (ସାମୁଦ୍ରିକ) ବିଶ୍ୱଭୂଷଣ ଜେନା ମାଛଧରା ନିଷେଧ ସମୟରେ ଥିବା ନିୟମାବଳୀ ଅବଗତ କରାଇଥିଲେ। ଏଥିସହ କଇଁଛଙ୍କ ସୁରକ୍ଷା ଓ ରିଙ୍ଗ ଜାଲର ବ୍ୟବହାର ମସ୍ୟ ସମ୍ପଦ ଉପରେ କି ପ୍ରଭାବ ପକାଉଛି ତାହା ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ରିଙ୍ଗ ଜାଲର ବ୍ୟବହାର ମସ୍ୟଜୀବୀଙ୍କୁ ଦୀର୍ଘସ୍ଥାୟୀ ରୋଜଗାର ଦେଇପାରୁଛି କି ନାହିଁ ଏହି ସଚେତନତା ଶିବିରର ମୁଖ୍ୟ ଆଲୋଚ୍ୟ ବିଷୟ ଥିଲା ବୋଲି ମସ୍ୟ ସମବାୟ ସମିତି ସମ୍ପାଦକ ସିଏଚ ବାବାଜୀ ସୂଚନା ଦେଇଛନ୍ତି। ଏଥିସହ ଜିଏଆଇଏସ, ନୂତନ ଡ଼ଙ୍ଗା, ଜାଲ ଓ ଇଞ୍ଜିନ, ମସ୍ୟ ସମବାୟ ସମିତି ଗଠନ ଓ ପରିଚାଳନା ଆଦି ଯୋଜନା ସମ୍ବନ୍ଧୀୟ ତଥ୍ୟ ମସ୍ୟ ମହିଳା ଅଧିକାରୀ ପୂଜା ରାଣୀ ସାହୁ ଉପସ୍ଥାପନା କରିଥିଲେ। ମସ୍ୟ ସମବାୟ ସମିତି ସମ୍ପାଦକ ସିଏଚ ବାବାଜୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ବହୁ ମସ୍ୟଜୀବୀ ଉପସ୍ଥିତ ଥିଲେ।

### କବିସୂର୍ଯ୍ୟନଗର ଓଏଭିର ବାର୍ଷିକ ଉତ୍ସବ

କବିସୂର୍ଯ୍ୟନଗର,୭।୨(କୃପାସିନ୍ଧୁ ସ୍ୱାଇଁ)-କବିସୂର୍ଯ୍ୟନଗର ବଡଆଗୁଳସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ୭ମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି । କବିସୂର୍ଯ୍ୟନଗର ବିଡିଓ ସୁଶ୍ରୀ ସାଗରିକା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ଆର୍ଟ ଗ୍ୟାଲେରୀକୁ ଉଦଘାଟନ କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ କବିସୂର୍ଯ୍ୟନଗର ତହସିଲଦାର ସୁଶ୍ରୀ ବିଜୟଲକ୍ଷ୍ମୀ ନାୟକ, ସମ୍ମାନିତ ଅତିଥି ଭାବେ କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷ ଜ୍ୟୋର୍ତିମୟୀ ସ୍ୱାଇଁ, ବିଇଓ ଅଭିମନ୍ୟୁ ସାହୁ ଓ କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ କେ. ପୁରୁଷୋତ୍ତମ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନାତ୍ମକ ଅଭିଭାଷଣ ରଖିଥିଲେ । ଓଏଭି ଅଧ୍ୟକ୍ଷ ଦିଲୀପ କୁମାର ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଛାତ୍ରୀ ଶ୍ରେୟସୀ ଲେଙ୍କା ଓ ଦେବସ୍ମିତା ପୋଲାଇ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଆର୍ଟ ଆକର୍ଷଣୀୟ ହୋଇଥିଲା । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

### ବାସୁଦେବପୁର ବାଳିକା ହାଇସ୍କୁଲ ବାର୍ଷିକୋତ୍ସବ

ବେଲଗୁଣ୍ଠା,୭।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)-ବେଲଗୁଣ୍ଠା ବ୍ଲକ ଗୋବରାସ୍ଥିତ ବାସୁଦେବପୁର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରବି ନାରାୟଣ ଗୌଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହୃଷୀକେଶ ବିଶ୍ୱାଳ ମୁଖ୍ୟ ଅତିଥି, ଖଇରପୁଟି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଓଳମ୍ଭା ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିଶିର କୁମାର ମହାନ୍ତି, ବେଲଗୁଣ୍ଠା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଲିଲି ନାୟକ, ସୁପ୍ତି ମିଶ୍ର, ଶିକ୍ଷକ ଅଶୋକ କୁମାର ଶତପଥୀ, କର୍ମଚାରୀ ଶିଶିର କୁମାର ସାହୁ, ନାରାୟଣ ସାହୁ, ଜିତେନ୍ଦ୍ର କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ଅରୁଣ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ସମେତ ୨ ନିର୍ଦ୍ଦୋଷ

ବ୍ରହ୍ମପୁର,୭।୨(ସୁବାସ ଚନ୍ଦ୍ର ପାଢ଼ୀ)

**ଲାଞ୍ଚ ମାମଲା**

ହୋଟେଲ ଲାଇସେନ୍ସ ନବୀକରଣ ପାଇଁ ୫ବର୍ଷ ତଳେ ଜଣେ ଖାଦ୍ୟ ନିରାପତ୍ତା ଅଧିକାରୀ ଓ ତାଙ୍କ ପିଅନ ଲାଞ୍ଚ ନେବା ମାମଲାର ବିଚାର ହୋଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁ ବୁଧବାର ମାମଲାର ବିଚାର କରି ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ବ୍ରହ୍ମପୁର ମହାନଗର ନିଗମ(ବିଏମସି)ର ତତ୍କାଳୀନ ଖାଦ୍ୟ ନିରାପତ୍ତା ଅଧିକାରୀ ତପସ୍ୱିନୀ ବେହେରା ଓ ଉକ୍ତ କାର୍ଯ୍ୟାଳୟର ପିଅନ ଧର୍ମାନନ୍ଦ ନାୟକ।

ଗୋଷାଣୀନୂଆଗାଁ ଥାନା ବିଲ ସାହିର ରମେଶ ପାଢ଼ୀଙ୍କ ଷ୍ଟେସନରୋଡରେ ଅମ୍ବିକା ହୋଟେଲ ଥିଲା। ଉକ୍ତ ହୋଟେଲର ଲାଇସେନ୍ସ ନବୀକରଣ ପାଇଁ ତାଙ୍କ ପୁଅ ତ୍ରିନାଥ ପାଢ଼ୀ ବିଏମସିକୁ ଯାଇଥିଲେ। ସେଠାରେ ଖାଦ୍ୟ ନିରାପତ୍ତା ଅଧିକାରିଣୀ ବେହେରାଙ୍କୁ ଭେଟି ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ । ଉକ୍ତ ହୋଟେଲର ଲାଇସେନ୍ସ ନବୀକରଣ ପାଇଁ ୧ହଜାର ଟଙ୍କା ଲାଞ୍ଚ ମଗାଯାଇଥିଲା। ଏନେଇ ଆବେଦନକାରୀ ବ୍ରହ୍ମପୁର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ୨୦୧୮ ଜୁଲାଇ ୨୩ ତାରିଖରେ ଆବେଦନକାରୀ ବିଏମସି କାର୍ଯ୍ୟାଳୟକୁ ଯାଇଥିଲେ। ସେ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ୧ ହଜାର ଟଙ୍କା ଲାଞ୍ଚ ଦେଇଥିଲେ ହେଲେ ସେ ନିକଟରେ ଛିଡା ହୋଇଥିବା ତାଙ୍କ ପିଅନଙ୍କୁ ଉକ୍ତ ଟଙ୍କା ଦେବାକୁ କହିଥିଲେ। ପିଅନ ଉକ୍ତ ଟଙ୍କା ଆବେଦନକାରୀଙ୍କ ଠାରୁ ନେଇ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ଦେଇଥିଲେ। ସେଠାରେ ଛକି ଥିବା ଭିଜିଲାନ୍ସ ଟିମ ଚଢଉ କରି ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଥାନାଧିକାରୀ କ୍ରିଷ୍ଟ କୁମାରୀ ପ୍ରଧାନ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାର ଚାଲିଥିବା ବେଳେ ୧୧ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ବୁଧବାର ରାୟ ପ୍ରକାଶ ବେଳେ ଉଭୟ ତପସ୍ୱିନୀ ବେହେରା ଓ ପିଅନ ଧର୍ମାନନ୍ଦ ନାୟକ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀ ମାନଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ ଅଭିଯୁକ୍ତ ଦ୍ୱୟଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରସାଦ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ପାଣିଗ୍ରାହୀ ଓ ନୃସିଂହ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

## ଭାଜପାର ମିଶ୍ରଣ ପର୍ବ

ବୁଗୁଡା,୭।୨(କାଳିଚରଣ ଦାଶ)

ବୁଗୁଡା ବ୍ଲକ ଅନ୍ତରପଡା ମା ଶାଙ୍କୁଳାଇ ପୀଠରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଦଳ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପାଙ୍ଗିଡି ପଞ୍ଚାୟତ ଅନ୍ତର୍ଗତ ସାପୁଆପଲ୍ଲୀ ଗ୍ରାମର ରାମ ବିଷୋୟୀ, ସୁନିଲ ବିଷୋୟୀ ଏବଂ ପୋଲସରା ବ୍ଲକ୍ କଳମ୍ବ ଗ୍ରାମର ନିକୁଞ୍ଜ ସାହୁ ସେମାନଙ୍କ ବହୁ ସମର୍ଥକମାନଙ୍କ ସହ ଭାଜପାରେ ମିଶିଛନ୍ତି। ଘୁମୁସର ସାଙ୍ଗଠନିକ ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲ୍ଲିକଙ୍କ ଉପସ୍ଥିତିରେ ଏମାନେ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଛନ୍ତି।

## ମସ୍ତିଷ୍କ ମ୍ୟାଲେରିଆରେ ଜିଆର୍‌ଏସ୍‌ଙ୍କ ମୃତ୍ୟୁ

ପାତ୍ରପୁର,୭।୨(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ଜୟନ୍ତୀପୁର ଓ ବାଦପୁର ପଞ୍ଚାୟତର ଗ୍ରାମ ରୋଜଗାର ସେବକ ତାରିଣୀ ଚରଣ ପତି(୪୩)ଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ମସ୍ତିଷ୍କ ମ୍ୟାଲେରିଆରେ ବୁଧବାର ମୃତ୍ୟୁ ଘଟିଛି। ଖମାରିଗାଁ ଗ୍ରାମର ଶିଖାବିତ୍ତ ପ୍ରଫୁଲ୍ଲ ପତିଙ୍କ ଏକମାତ୍ର ପୁତ୍ରଙ୍କ ମୃତ୍ୟୁ ଖବର ପାତ୍ରପୁର ବ୍ଲକରେ ପହଂଚିବା ପରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ପାତ୍ରପୁର ବିଡିଓ ସୁମନ ସୁଧା କୁଣ୍ଡୁ,ଏପିଓ ପ୍ରଣତି ପୁରୋହିତ ପ୍ରମୁଖଙ୍କ ସହ ପାତ୍ରପୁର ବ୍ଲକର ସମସ୍ତ ଗ୍ରାମ ରୋଜଗାର ସେବକ, ବ୍ଲକର ବହୁ କର୍ମଚାରୀଙ୍କ ସହ ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ରହି ଶେଷ ଦର୍ଶନ ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ହୋଇଥିଲା।

# ଭାଜପାର ଶକ୍ତି ବନ୍ଦନ କାର୍ଯ୍ୟକ୍ରମ


ଶକ୍ତି ବନ୍ଦନ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା କର୍ମୀ ।

ବ୍ରହ୍ମପୁର,୭।୨(ନରସିଂହ ସାହୁ)

ବ୍ରହ୍ମପୁର ବିଧାନସଭା କ୍ଷେତ୍ର ଭାଜପାର ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଗଠିତ ନାରୀ ସଶକ୍ତ ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯେଉଁ ସଂକଳ୍ପ ରହିଛି ତାହା ପୂରଣ କରିବାକୁ ଉପସ୍ଥିତ କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ଆହ୍ୱାନ ଦିଆଯାଇଥିଲା। ଅନ୍ୟପକ୍ଷରେ ମହିଳା ସଶକ୍ତୀକରଣ ଓ ଅର୍ଥନୈତିକ ବିକାଶ ନିମନ୍ତେ କେନ୍ଦ୍ର ଦେଉଥିବା ବିପୁଳ ପରିମାଣର ଅନୁଦାନ ରାଜ୍ୟ ସରକାର ଭିନ୍ନଭାବରେ ବିନିଯୋଗ କରୁଥିବା ଅଭିଯୋଗ କରାଯାଇଥିଲା।

ଗାନ୍ଧୀ ନଗର କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମକୁ ମହିଳା ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦିକା ବବିତା ପାତ୍ର ସଂଯୋଜନା କରିଥିଲେ। ଗଞ୍ଜାମ ସାଙ୍ଗଠନିକ ଜିଲା ସଭାପତି ଡ଼ା. ସୁବାସ ସାହୁ ଯୋଗ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ଜିଲା ଉପସଭାପତି ସୁନୀଲ କୁମାର ସାହୁ, ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ମହାନଗର ପ୍ରଭାରୀ ରାମ ପ୍ରସାଦ ସାମଲ ଉପସ୍ଥିତ ଥିଲେ। ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ, ସାଧାରଣ ସମ୍ପାଦିକା ବର୍ଷା ବିଦୁସ୍ମିତା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।ବହୁ ସଂଖ୍ୟକ ମହିଳା କର୍ମୀଙ୍କ ସମେତ ବିଭିନ୍ନ ମଣ୍ଡଳର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ମୁଁ ମୋଦୀଙ୍କ ଶକ୍ତି ବୋଲି ସମସ୍ତେ ସଂକଳ୍ପ ନେଇଥିଲେ।

# ପ୍ରେମ ସପ୍ତାହ ଆରମ୍ଭରୁ ଗୋଲାପ ଦର ଦୁଇଗୁଣା

ବ୍ରହ୍ମପୁର,୭।୨(ତନୁଶ୍ରୀ ନାହାକ)




ପ୍ରେମ ସପ୍ତାହ ବୁଧବାର ଠାରୁ ଆରମ୍ଭ ହେଉଛି । ପ୍ରଥମ ଦିନରୁ ଗୋଲାପର ଦର ଦୁଇ ଗୁଣା ବଢ଼ିଛି। ତଥାପି ବ୍ରହ୍ମପୁର ବଜାରରେ ଗୋଲାପର ଚାହିଦା ବୃଦ୍ଧି ପାଇଛି। ନାଲି ଗୋଲାପ ଫୁଲ ଦୈନିକ ୧୫ରୁ ୨୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ପ୍ରେମ ସପ୍ତାହର ପ୍ରଥମ ଦିନ ବୁଧବାର ଏହା ୨୫ରୁ ୩୦ ଟଙ୍କାରେ ବିକ୍ରି ହୋଇଛି। ସେହିପରି ଧଳା, ନାରଙ୍ଗୀ, ଗୋଲାପୀ, ହଳଦିଆ ରଙ୍ଗର ଗୋଲାପ ଫୁଲ ୪୦ରୁ ୫୦ଟଙ୍କାରେ ବିକ୍ରି ହେଉଛି। ସେହିପରି ଗୋଲାପ ସମେତ ବଜାରରେ ଅର୍କିଡ଼, ଜରବେରା, ଲିଲି ଏବଂ ଅନେକ ସୁନ୍ଦର ଫୁଲ ଓ ଡ଼ିଜାଇନ ପତ୍ର ମଧ୍ୟ ବୁକେ ପ୍ରସ୍ତୁତି ନିମନ୍ତେ ବିକ୍ରି ହେଉଛି। ବୁକେ ଦର ମଧ୍ୟ ବଜାରରେ ୫୦ଟଙ୍କାରୁ ଆରମ୍ଭ ହୋଇ ୩ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଟାଟା ବେଞ୍ଜ ଛକ ଓ ସୁବାରାଓ ଛକ ନିକଟସ୍ଥ ଫୁଲ ବ୍ୟବସାୟୀ ବାବୁ ଦାସ କହିଛନ୍ତି ଯେ, ସେ ପ୍ରାୟ ୧ ଲକ୍ଷ ଟଙ୍କାର ଫୁଲ ମଗାଇଛନ୍ତି। ବ୍ରହ୍ମପୁରକୁ ମୁଖ୍ୟତଃ ବେଙ୍ଗାଲୁରୁରୁ ଗୋଲାପ ଆସୁଛି । କଲେଜ ଛାତ୍ରୀଛାତ୍ର ଓ ଯୁବତୀ ଯୁବକମାନେ ସବୁଠାରୁ ଅଧିକା ଫୁଲ କିଣିଛନ୍ତି। ସବୁଦିନ ଅପେକ୍ଷା ରୋଜ ଡେ'ରେ ଅଧିକ ଫୁଲ ବ୍ରିକି ହୋଇଛି। ଆହୁରି ୬ ଦିନ ଅଛି, ଚଳିତ ଥର ଭଲ ବ୍ୟବସାୟ ହେବ ବୋଲି ଆଶା ରଖିଥିବା ସେ କହିଛନ୍ତି।

## ଘର ସମ୍ମୁଖରୁ ବାଇକ ଚୋରି

ଚିକିଟି,୭।୨(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ କେ.ନୂଆଗାଁ ଥାନା ଅନ୍ତର୍ଗତ ବିରସିଂହ ଲକ୍ଷ୍ମୀନାରାୟଣପୁର ଗ୍ରାମରୁ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସବୁଦିନ ଭଳି ପୂର୍ବତନ ୱାର୍ଡ ସଭ୍ୟ ହରିଶ୍ଚନ୍ଦ୍ର ବେହେରା ନିଜ ଘର ସମ୍ମୁଖରେ ବାଇକଟି (ନଂ ଓଡି୦୭ଏଲ୮୧୧୪) ରଖିଥିଲେ। କିନ୍ତୁ ସକାଳୁ ଉଠି ଦେଖିଲା ବେଳକୁ ଆଉ ବାଇକ ନଥିଲା। ଉକ୍ତ ବାଇକଟିକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ଜାଣି ବୁଧବାର ଅନଲାଇନ ଯୋଗେ ପୋଲିସରେ ଅଭିଯୋଗ କରିଛନ୍ତି।

# ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ ସଚେତନତା



ବ୍ରହ୍ମପୁର,୭।୨(ସ୍ମୃତି ରଞ୍ଜନ ମହାଲିକ)

ଜାଗା ମିଶନ ଅଧୀନରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବସ୍ତି ବାସିନ୍ଦାଙ୍କୁ ଅବଗତ କରାଇବା ପାଇଁ ବିଏମସି ପକ୍ଷରୁ ବୁଧବାର ଆମ ଓଡିଶା ନବୀନ ଓଡିଶା ସହରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ୮ଟି ୱାର୍ଡରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି କମିଶନର ବିନୋଦ କୁମାର ବେହେରା ଓ ସ୍ଥାନୀୟ କର୍ପୋରେଟର ଯୋଗ ଦେଇଥିଲେ। ସେହିପରି ଜାଗା ମିଶନ ମାଧ୍ୟମରେ ଉପକୃତ ହୋଇଥିବା ବସ୍ତି ବାସିନ୍ଦାମାନେ ନିଜର ଅନୁଭୂତି କହିଥିଲେ। ଏହି ଅବସରରେ ଛୋଟ ଶିଶୁଙ୍କ ମଧ୍ୟରେ ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆସନ୍ତା ୨୦ ତାରିଖ ଯାଏଁ ନିଗମ ଅଧୀନରେ ରହିଥିବା ୧୮୬ଟି ବସ୍ତି ଅଞ୍ଚଳରେ ଏଭଳି ୯୦ଟି କାର୍ଯ୍ୟକ୍ରମ କରାଯିବ । ନୋଡାଲ ସିଇଓ ଗୀତାଞ୍ଜଳୀ ସାମନ୍ତରାୟ, ସ୍ମିତା ଦାଶ, ଗୋଷ୍ଠୀ ସଂଯୋଜିକା ସୋମ୍ୟା ସରିତା ନାୟକ, ନଗେନ ମିଶ୍ର, ସାଲିନି ପଣ୍ଡା ଏବଂ ଜାଗା ମିଶନର କୋ ଅର୍ଡିନେଟର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରତାରଣା ଅଭିଯୋଗ, ଯୁବକ ଗିରଫ

ବ୍ରହ୍ମପୁର,୭।୨(ସୁବାସ ଚନ୍ଦ୍ର ପାଢ଼ୀ)

ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ପ୍ରତାରଣା ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଭାବିନୀପୁର ଗ୍ରାମର ମାଗତା ଦାସ। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ମାଗତା ବିବାହିତ ହୋଇଥିଲେ ମଧ୍ୟ କନିଷି ଅଞ୍ଚଳର ଜଣେ ଯୁବତୀଙ୍କୁ ମିଛ କହି ପ୍ରେମ କରୁଥିଲେ। ଏପରିକି ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣଙ୍କ ବିବାହ କରିବାକୁ ଜିଦ କରିବାରୁ ତାଙ୍କୁ ଧମକ ଦେଇଥିଲେ। ପରେ ମାଗତା ବିବାହିତ ବୋଲି ପୀଡ଼ିତା ଜାଣିବା ପରେ ଅନ୍ୟତ୍ର ବିବାହ କରିବାକୁ ସ୍ଥିର କରିଥିଲେ। ହେଲେ ତାଙ୍କ ବିବାହ ଠିକ ହେବା ପୂର୍ବରୁ ପ୍ରସ୍ତାବକୁ ମାଗତା ଭାଙ୍ଗି ଦେଉଥିଲେ। ଶେଷରେ ଯୁବତୀ ଜଣଙ୍କ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ନଂ ୩୫/୨୪ରେ ପୋଲିସ ଏକ ମାମଲା ରୁଜୁ କରିଛି।

# ଚାଷୀଙ୍କୁ ସୁହାଇବ ଟିପିଏସ୍‌ଓଡିଏଲ୍‌ର ନୂଆ ଟ୍ରାନ୍ସଫର୍ମର

ବ୍ରହ୍ମପୁର,୭।୨(ସ୍ମୃତି ରଞ୍ଜନ ମହାଲିକ)



ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ଥିବା ଆହ୍ୱାନକୁ ସାମ୍ନା କରୁଛି ଟିପିଏସଓଡିଏଲ। ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣକୁ ଗୁରୁତ୍ୱ ଦେଇ ୫ ଏମଭିଏ କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମର ତିଆରି କରିଛି। ପ୍ରଥମ କରି ତିତିପ ପ୍ରାଥମିକ ସବଷ୍ଟେସନ ଅଞ୍ଚଳରେ ଏହାକୁ ସ୍ଥାପନ କରାଯାଇଛି। ଏହାଦ୍ୱାରା ୩ ହଜାର ଉପଭୋକ୍ତା ବିଦ୍ୟୁତ ସେବା ପାଉଛନ୍ତି। ପୂର୍ବରୁ ସଂପୃକ୍ତ ଅଞ୍ଚଳରେ ଥିବା ଏମ ବ୍ରହ୍ମପୁର, ନୂଆପଡା, ନୂଆଗାଁ ଓ ତିରଛଣ ଫିଡରରେ ଉପଭୋକ୍ତାଙ୍କ ସଂଖ୍ୟା ବଢିବା କାରଣରୁ ଟ୍ରାନ୍ସଫର୍ମର ଉପରେ ଚାପ ପଡିଥିଲା। ଏମ ବ୍ରହ୍ମପୁର ଓ ନୂଆଗାଁ ଫିଡରକୁ ଅଲଗା କରି ନୂଆ ଟ୍ରାନ୍ସଫର୍ମର ସହ ସଂଯୋଗ କରାଯାଇଛି। ଫଳରେ ଫିଡରର ସାମୂହିକ ଲୋଡ କମିଛି। ମରାମତି ସମୟରେ ବିଦ୍ୟୁତ ପ୍ରବାହ ଏହାଦ୍ୱାରା ସେଭଳି ବାଧାପ୍ରାପ୍ତ ହେବ ନାହିଁ ବୋଲି କୁହାଯାଇଛି। ଅନ୍ୟପଟେ କୃଷି ଓ କୃଷକଙ୍କର ଜୀବନ ଜୀବିକାକୁ ପ୍ରାଥମିକତା ଦେଇ କମ୍ପାନୀ ଏଭଳି ପଦକ୍ଷେପ ନେଇଛି। ଉକ୍ତ ଅଂଚଳରେ ମାଛ ଚାଷ ଏକ ପ୍ରମୁଖ ବେଉସା ହୋଇଥିବାରୁ ବିଦ୍ୟୁତ୍ ସେବା ଏକାନ୍ତ ଆବଶ୍ୟକ। ତେଣୁ ଚାଷୀଙ୍କୁ ସେବା ଯୋଗାଇବା ଲକ୍ଷ୍ୟରେ ଗୋଟିଏ ଟ୍ରାନ୍ସଫର୍ମରକୁ ୨ଟିରେ ପରିବର୍ତ୍ତିତ କରାଯାଇଛି। ଏହା ଚାଷୀଙ୍କୁ ସୁହାଇବ। ଏଥି ସହିତ ବ୍ଲକ କାର୍ଯ୍ୟାଳୟ, ତହସିଲ ଓ ଡାକ୍ତରଖାନା ସମେତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ୍ୟ ଗୁଣାତ୍ମକ ବିଜୁଳି ଯୋଗାଣ ହୋଇପାରିବ ବୋଲି ଟିପିଏସଓଡିଏଲ ପକ୍ଷରୁ କୁହାଯାଇଛି।

# ସଚେତନତା ଜାରି ରହିଲେ କର୍କଟମୁକ୍ତ ଭାରତ ସମ୍ଭବ

ବ୍ରହ୍ମପୁର,୭।୨(ସୁବାସ ଚନ୍ଦ୍ର ପାଢ଼ୀ)


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ବ୍ରହ୍ମପୁର କାନ୍ତି ଅନୁଷ୍ଠାନ 'ସଚେତନତା ଜାରି ରହିଲେ କର୍କଟମୁକ୍ତ ଭାରତ ସମ୍ଭବ' ଜନ ସଚେତନତା କାର୍ଯ୍ୟକ୍ରମ କରିଛି। ଅନୁଷ୍ଠାନ ପକ୍ଷରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆଠାରୁ ସଚେତନତା ରାଲି ବାହାରି ସହର ପରିକ୍ରମା କରିଥିଲା । ଏଥିରେ ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବର୍ତ୍ତମାନ କର୍କଟ ଚିକିତ୍ସା ନିମନ୍ତେ ନୂଆ ନୂଆ ପଦ୍ଧତି ସବୁ ବାହାରିଲାଣି । ଠିକ ସମୟରେ ଉପଚାର ଦ୍ୱାରା ବହୁ ଲୋକ କର୍କଟ କବଳରୁ ମୁକ୍ତ ହୋଇପାରୁଛନ୍ତି । ତେଣୁ ପ୍ରତିବର୍ଷ ଫେବୃୟାରୀ ୪ ତାରିଖକୁ ବିଶ୍ୱ କର୍କଟ ଦିବସ ଭାବେ ପାଳନ କରାଯାଉଛି। କର୍କଟ ଚିହ୍ନଟ, ଚିକିତ୍ସା ଏବଂ ନିରାକରଣ ଦିଗରେ ସଚେତନତା ସୃଷ୍ଟି ଏହି ଦିବସର ଉଦ୍ଦେଶ୍ୟ ବୋଲି କ୍ରାନ୍ତି ଅନୁଷ୍ଠାନର ମୁଖ୍ୟ ଡ଼ଃ ଦେବାନନ୍ଦ ଦାସ କହିଛନ୍ତି। ସେ ମଧ୍ୟ କର୍କଟରେ ପୀଡିତ ଥିଲେ। ତେଣୁ ବିଶ୍ୱ କର୍କଟ ଦିବସରେ ଛାତ୍ରୀଛାତ୍ର ଧୂମପାନ, ଗୁଟ୍‌ଖା, ନିଶାଦ୍ରବ୍ୟ ସେବନ ନ କରିବା ପାଇଁ ସେ ଅନୁରୋଧ କରିଥିଲେ । ଏହି ଅବସରରେ ରାଜ୍ୟ ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଶାଖାପାଟଣା ମହାତ୍ମାଗାନ୍ଧୀ କ୍ୟାନସର ହସ୍ପିଟାଲ ଓ ରିସର୍ଚ୍ଚ ସେଣ୍ଟରର ବରିଷ୍ଠ ଡାକ୍ତର କାହ୍ନୁ ଚରଣ ପାତ୍ର , ଆଇଏସଆରଡ଼ି ନିର୍ଦ୍ଦେଶକ ସୁଧୀର ସାବତ, କିଟ୍‌ର ସମ୍ପାଦକ ସନ୍ତୋଷ କୁମାର ଜେନା, ମହାନ ସଂଘ ସଭାପତି ସୁଶାନ୍ତ ସାବତ ପ୍ରମୁଖ ଉପସ୍ଥିତ ରହି କର୍କଟ ରୋଗର ଭୟାବହତା ବିଷୟରେ ସଚେତନ କରିଥିଲେ । କ୍ରାନ୍ତି ଅନୁଷ୍ଠାନର ସହ ନିର୍ଦ୍ଦେଶକ ସଞ୍ଜୟ କୁମାର ରଥ, ନିର୍ମଳା ଦାଶ, ଦେବରାଜ ରାଉତ, ସରୋଜ କୁମାର ସାହୁ, ସ୍ନିଗ୍ଧା ମହାରଣା, ମନୋଜ କୁମାର ସାହୁ, ଲିଙ୍ଗରାଜ ପଟ୍ଟନାୟକ, ଅରୁଣ ପଟ୍ଟନାୟକ, ଚନ୍ଦ୍ରିକା ଦାଶ ଓ ଚିନ୍ମୟାନନ୍ଦ ଦାଶଙ୍କ ସମେତ ସମସ୍ତ ସଭ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

